ବଂଶଧାରା
Bansadhara

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣପୁର, ଓଡିଶା
KRISHI VIGYAN KENDRA, RAYAGADA, GUNUPUR, ODISHA

ଏକବିଂଶ ସଂସ୍କାରଣ | ତ୍ରୈମାସିକ ସମାଚାର ପତ୍ର | ପତ୍ରିକା ସଂଖ୍ୟା : ୨୦୨୬୦୧୦୬୩/
(ଦ୍ୱିତୀୟ ଓ ତୃତୀୟ ସଂଖ୍ୟା)


## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ, ଯୋଗ୍ୟତା ବୃଦ୍ଧି ତାଲିମ ଇତ୍ୟାଦିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ଦ୍ୱାରା ଚାଷୀ ଭାଇ ଓ ଭଉଣୀମାନଙ୍କ ପାଖରେ ଉନ୍ନତ ବିହନ କିସମ ଓ ଜ୍ଞାନ କୌଶଳ ପହଞ୍ଚାଇବାର ନିରନ୍ତର ଓ ପ୍ରଶଂସା ଯୋଗ୍ୟ ଉଦ୍ୟମ ଜାରି ରହିଛି । କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ଥିବା ଜିଲ୍ଲାର ସଂପ୍ରସାରଣ ଅଧିକାରୀ, ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀମାନଙ୍କ ନିମନ୍ତେ ସୂଚନା ଓ ପ୍ରେରଣାର ଉତ୍ସ ସାଜିଛି 'ବଂଶଧାରା' । 'ବଂଶଧାରା'ର ଏକବିଂଶତମର ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଆଶା କରୁଛି, ଏହି ସଞ୍ଚୟାନ କୃଷି ସହ ପୂର୍ଣାଙ୍ଗ ଭାବେ ଜଡିତ ବ୍ୟକ୍ତି ବୃନ୍ଦମାନଙ୍କ ନିକଟରେ ସଫଳତାର ସହ ରୂପାୟନ ହୋଇପାରିବ ।

ପ୍ରସନ୍ନଜିତ୍ ମିଶ୍ର
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ସଂପାଦକୀୟ




କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣୁପୁରରୁ ପ୍ରକାଶିତ ତ୍ରୈମାସିକ ସମାଚାର ପତ୍ରିକା "ବଂଶଧାରା" । ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ଗ୍ରାମ୍ୟ ଯୁବ ଗୋଷ୍ଠୀ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ସଂପ୍ରସାରଣ ଅଧିକାରୀ, କ୍ଷେତ୍ର କମର୍ଚାରୀମାନଙ୍କୁ ନୂତନ ତଥା ବୈଷୟିକ ଜ୍ଞାନକୌଶଳ ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ତାଲିମ କାର୍ଯ୍ୟକ୍ରମ, ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ, କ୍ଷେତ୍ର ପରୀକ୍ଷଣ, ସଂପ୍ରସାରଣ କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ଏହା ଆଲୋକପାତ କରିବ । ଏହି ସମାଚାର ପତ୍ରିକାକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏହି ସମାଚାର ପତ୍ରିକା ରାୟଗଡା ଜିଲ୍ଲାର ଅଗଣିତ କୃଷକ ଭାଇ ଓ ଭଉଣୀମାନଙ୍କୁ ନୂତନ ଦିଗଦର୍ଶନ ଦେଇ ପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ସୁସ୍ମିତା ମହାନ୍ତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣୁପୁର

## ତ୍ରିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡାର ତ୍ରିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଗତ ତା ୧୯.୧୨.୨୦୨୪ ରିଖ ଦିନ କେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତବୈଠକରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଉପସ୍ଥିତ ସଦସ୍ୟମାନଙ୍କୁ ଉପଦେଷ୍ଟା ମଣ୍ଡଳୀ ବୈଠକର ଉଦ୍ଦେଶ୍ୟ, କୃଷି ବିଜ୍ଞାନ କେନ୍ଦ୍ରର ଆଭିମୁଖ୍ୟ, ମୁଖ୍ୟ ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ । ବୈଠକରେ କୃଷି ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସଂସ୍ଥା, କୋଲକତାର ମୁଖ୍ୟ ବୈଜ୍ଞାନିକ ଡା. କଲ୍ୟାଣ ସୁନ୍ଦର ଦାସ, ସହଯୋଗୀ ଅଧକ୍ଷ ଡକ୍ଟର ପି. କେ. ମହାନ୍ତି, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ପ୍ରଫେସର ଜି. ଦାସ, ଜିଲ୍ଲାର କୃଷି ତଥା ଆନୁଷଙ୍ଗିକ ବିଭାଗର ବିଭାଗୀୟ ଅଧିକାରୀ ଓ ଚାଷୀ ସଦସ୍ୟ ଓ ସଦସ୍ୟା, ସମ୍ବାଦ ପ୍ରସାରଣ ସଂସ୍ଥାର ବନ୍ଧୁମାନେ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡକ୍ଟର (ଶ୍ରୀମତୀ) ସୁସ୍ମିତା ମହାନ୍ତି ବିଗତ ବର୍ଷ ରବି କାର୍ଯକ୍ରମ ଓ ଚଳିତ ବର୍ଷର କାର୍ଯ୍ୟକ୍ରମର ସଫଳତା ସହ ଆଗାମୀ ବର୍ଷର କାର୍ଯସୂଚୀ ଉପରେ ଆଲୋକପାତ କରାଇଥିଲେ ।



## ବିରି ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ କାଲମା, ଜଗନ୍ନାଥପୁର ଓ ବାଗଶଳା ଗ୍ରାମରେ ଦଶ ଜଣ ଚାଷୀଙ୍କୁ ବିରି ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଏକ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନୀ ମାଧ୍ୟମରେ ଦେଖାଯାଇଥିଲା ଯେ, ବିରିରେ ରାଇଜୋବିୟମ ମଞ୍ଜି ବିଶୋଧନ, ଜିଆଖତ ପ୍ରୟୋଗ ଏବଂ ମୃତ୍ତିକା ପରୀକ୍ଷା କରି ଖାଦ୍ୟସାର ପ୍ରୟୋଗ କରିବା ଦ୍ୱାରା ଚାଷୀ ମାନଙ୍କର ଅମଳ ୩୮ ଶତକଡା ବୃଦ୍ଧି ପାଇଥିଲା ।



## ଅଧିକ ଅମଳକ୍ଷମ ଧାନ କିସମ "କଳିଙ୍ଗ ଧାନ - ୧୨୦୩"ର କ୍ଷେତ୍ର ପ୍ରଦର୍ଶନ



ଆଦିବାସୀ ବହୁଳ ରାୟଗଡା ଜିଲ୍ଲାରେ ଖରିଫ ଋତୁରେ ଚାଷ ହେଉଥିବା ଶସ୍ୟ ଜାତୀୟ ଫସଲ ମଧ୍ୟରୁ ଧାନ ଫସଲ ଅନ୍ୟତମ । ମାତ୍ର ବୈଜ୍ଞାନିକ ଜ୍ଞାନକୌଶଳ ଓ ଉନ୍ନତ କିସମ ଅଭାବରୁ କୃଷକମାନେ ଧାନଫସଲରୁ ଅଧିକ ଅମଳ ପାଇପାରୁନାହାନ୍ତି । ଉକ୍ତ ସମସ୍ୟାକୁ ନଜର ରଖି କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା, ଗୁଣୁପୁର ତରଫରୁ ଚଳିତ ଖରିଫ ଋତୁରେ ଅଧିକ ଅମଳକ୍ଷମ ମଧ୍ୟମ କିସମ କଳିଙ୍ଗ ଧାନ - ୧୨୦୩ ର କ୍ଷେତ୍ର ପ୍ରଦର୍ଶନୀ ଗୁଣୁପୁର ବ୍ଲକର ମାଝିକୁଡିଆ, ଟଲଣା, ରାମନାଗୁଡା ବ୍ଲକର ଶ୍ରୀରାମପୁର ଏବଂ ପଦ୍ମପୁର ବ୍ଲକର ଜରିପାଙ୍ଗା ଗ୍ରାମରେ ଚାଷ କରାଯାଇଥିଲା । ଉକ୍ତ ପ୍ରଦର୍ଶନୀରେ କ୍ଷେତ୍ର ଦିବସରୁ ଜଣା ପଡିଲା ଯେ, କଳିଙ୍ଗ ଧାନ - ୧୨୦୩ କିସମଟି ହେକ୍ଟର ପ୍ରତି ୪୮ କୁଇଣ୍ଟାଲ ଧାନ ଅମଳ ଦେବାରେ ସକ୍ଷମ ହୋଇଥିଲା ଏବଂ ଶେଷରେ ଚାଷୀମାନେ ଭବିଷ୍ୟତରେ ଏହି ବିହନକୁ ରଖି ଆଗାମୀ ବର୍ଷରେ କମ ଖର୍ଚ୍ଚରେ ଅଧିକ ଅମଳ ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି ।

## ଉନ୍ନତ ପିଆଜ ପ୍ରଜାତିର କ୍ଷେତ୍ର ପରୀକ୍ଷଣ

ସ୍ଥାନୀୟ ଚାଷ ହେଉଥିବା ପିଆଜ ପ୍ରଜାତି ନାସିକ୍ ରେଡ୍ ସହ ଦୁଇଟି ଉନ୍ନତ ପିଆଜ ପ୍ରଜାତିର ତୁଳନାମୂଳକ ମୂଲ୍ୟାଙ୍କନ ପାଇଁ ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରେ ଏକ କ୍ଷେତ୍ରପରୀକ୍ଷଣ କରାଯାଇଥିଲା । ଏହି ଗ୍ରାମଗୁଡ଼ିକ ହେଲା ଗୁଗୁରପାଙ୍ଗ, ପାଣ୍ଡ୍ରାଝୋଲି, ଶ୍ରୀରାମପୁର ଓ ଏରାଗୁଡ଼ା । ଏହି ପରୀକ୍ଷଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର (KVK) ଦ୍ୱାରା ସୁପାରିଶିତ ଦୁଇଟି ଉନ୍ନତ ପିଆଜ ପ୍ରଜାତି ଭୀମା ଶକ୍ତି ଓ ଭୀମା ଡାର୍କ ରେଡ୍ ବଛାଯାଇଥିଲା । ଏହି ପ୍ରଜାତି ଗୁଡ଼ିକୁ ସ୍ଥାନୀୟ ଭାବେ କୃଷକମାନେ ପାରମ୍ପରିକ ଭାବେ ଚାଷ କରୁଥିବା ନାସିକ୍ ରେଡ୍ ପ୍ରଜାତି ସହ ତୁଳନା କରାଯାଇଥିଲା, ଯାହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନ ଥିଲା । (KVK) କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଉନ୍ନତ ପିଆଜ ପ୍ରଜାତି ସହିତ ସୁପାରିଶିତ ଚାଷ ପ୍ରଯୁକ୍ତି ପରିଚୟ କରାଯିବା ପରେ ପ୍ରାପ୍ତ ଫଳାଫଳରୁ ଜଣାପଡ଼ିଲା ଯେ ଭୀମା ଶକ୍ତି ପ୍ରଜାତି ସ୍ଥାନୀୟ ନାସିକ୍ ରେଡ୍ ତୁଳନାରେ ୧୫% ଅଧିକ ଉତ୍ପାଦନ ଦେଇଥିଲା । ଭୀମା ଶକ୍ତି ଓ ଭୀମା ଡର୍କ ରେଡ୍ ଉଭୟ ଉନ୍ନତ ପିଆଜ ପ୍ରଜାତି ସ୍ଥାନୀୟ ନାସିକ୍ ରେଡ୍ ତୁଳନାରେ ଉତ୍ପାଦନ ଓ ବଜାର ପସନ୍ଦ ଦୃଷ୍ଟିରୁ ଉତ୍ତମ ପ୍ରଦର୍ଶନ କରିଥିଲେ ।



## ଭେଣ୍ଡିରେ ଫଳ ବିନ୍ଧା ପୋକ ନିୟନ୍ତ୍ରଣର କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ଖରିଫ ଋତୁ ପରିବା ମଧ୍ୟରେ ଭେଣ୍ଡି ଗୋଟିଏ ଅନ୍ୟତମ ପରିବା । କିନ୍ତୁ ଏହି ପରିବା ଚାଷ କରୁଥିବା ବେଳେ ଚାଷୀମାନେ ଫଳ ବିନ୍ଧା ପୋକ ଆକ୍ରମଣ ଯୋଗୁଁ କମ ଅମଳ ପାଆନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ରାୟଗଡା ତରଫରୁ ଚଳିତ ବର୍ଷ ଖରିଫ ଋତୁ ରେ ଏକ କ୍ଷେତ୍ର ପ୍ରଦର୍ଶନର ବ୍ୟବସ୍ଥା କରା ହେଇଥିଲା । ଉକ୍ତ କ୍ଷେତ୍ର ପ୍ରଦର୍ଶନୀରେ ଦେଖା ଯାଇଥିଲା ଯେ ଭେଣ୍ଡି ବିହନ ବୁଣିବାର ୩୦ ଦିନ ଓ ୪୫ ଦିନ ପରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫ % ଏସ. ସି. ୩ ମି. ଲି. ପ୍ରତି ୧୦ ଲିଟର ପାଣିରେ ମିଶେଇ ସିଂଚନ କଲେ ଫଳ ବିନ୍ଧା ପୋକ ର ଆକ୍ରମଣ ୩୩ % ରୁ ୬ % କମିବା ସହିତ ୩୦.୯ % ଅମଳ ବଢି ପାରିବ ।



## ସଂକ୍ଷିପ୍ତରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ



- କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୨୧.୦୪.୨୦୨୫ରିଖରେ ଗୁଣୁପୁର ବ୍ଲକ ଅଧିନସ୍ଥ ଲିମାମେଡା ଗ୍ରାମରେ ପୋଷଣ ପକ୍ଷ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପୋଷକତତ୍ୱ ବିଷୟରେ ସଂପୂର୍ଣ୍ଣ ବିବରଣୀ ଦେବାସହିତ ଜିଆଖତ କୁଣ୍ଡ (ପଲିଭର୍ମୀବେଡ) ଏବଂ ବିଭିନ୍ନ ପ୍ରକାରର ପନିପରିବା ଚାରା ସି.ଡି.ପି.ଓ., ବି.ପି.ସି. (ମିଶନ ଶକ୍ତି) ଏବଂ ସରପଞ୍ଚ ମହାଶୟାଙ୍କର ଉପସ୍ଥିତିରେ ପ୍ରଦାନ କରାଯାଇଥିଲା ।



- ସ୍ୱଚ୍ଛତା କ୍ୟାମ୍ପେନ ୫.୦ ଅବସରରେ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ତା.୯-୧୦-୨୦୨୫ ରୁ ୩୧.୧୦.୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଜନସାଧାରଣଙ୍କର ସ୍ଥାନ ଯଥା ଗ୍ରାମ ପରିସର, ସ୍କୁଲ ପରିସର, ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗ୍ରାମ ପରିବେଶ ପରିଷ୍କାର ରଖିବା ପାଇଁ ଗ୍ରାମବାସୀଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ ଗ୍ରାମ ପରିମଳ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଗୁଣୁପୁର ବ୍ଲକର ବିକ୍ରମପୁର ଗ୍ରାମର ଏକଲବ୍ୟ ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ଉପରେ ସ୍ଲୋଗାନ, ଚିତ୍ରାଙ୍କନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା ।



- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତୀ ମେଳା ୨୦୨୫ ଗୁଣୁପୁରର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆରେ ତା.୧୦.୧୨.୨୦୨୫ ରୁ ତା. ୧୨.୧୨.୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ, ଉନ୍ନତ କୃଷି ପଦ୍ଧତି, କୃଷି କାର୍ଯ୍ୟରେ ଶ୍ରମ ଲାଘବ ନିମନ୍ତେ ଯନ୍ତ୍ରପାତୀର ପ୍ରଦର୍ଶନୀ କରାଯାଇଥିଲା ଏବଂ ଜ୍ଞାନକୌଶଳକୁ ଅବଲମ୍ବନ କରି କୃଷିରେ ଆଗେଇବା ସକାଶେ ଗୁଣୁପୁର, ରାମନାଗୁଡା, ପଦ୍ମପୁର, ଗୁଡାରି, ବିଷମକଟକ ବ୍ଲକର ଚାଷୀ ଭାଇ ଓ ଭଉଣୀମାନଙ୍କୁ ପ୍ରଦର୍ଶନୀ ଦେଖିବାର ବ୍ୟବସ୍ଥା କରାଯାଇଥିଲା ।



- କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୧୫.୧୦.୨୦୨୫ ରିଖରେ ମହିଳା କିଶାନ ଦିବସ ଗୁଣୁପୁର ବ୍ଲକ ଅଧିନସ୍ଥ ଡମ୍ଭୋସରା ଗ୍ରାମରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ମହିଳାଙ୍କର ଅବଦାନ ଏବଂ ଶ୍ରମ ଲାଘବ ପାଇଁ ବିଭିନ୍ନ ଯନ୍ତ୍ରପାତି ତଥା ଅମଳ ବୃଦ୍ଧି ପାଇଁ ଉନ୍ନତ ବୈଜ୍ଞାନିକ ଜ୍ଞାନକୌଶଳ ଉପରେ ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା ।



- କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୧୬.୧୦.୨୦୨୫ରିଖରେ ବିଶ୍ୱ ଖାଦ୍ୟ ଦିବସ ଗୁଣୁପୁର ବ୍ଲକ ଅଧିନସ୍ଥ ପୂଜାରିଗୁଡା ଗ୍ରାମରେ ପାଳନ କରଯାଇଥିଲା । ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହିତ ଗୁଣାତ୍ମକ ଫସଲ ଉତ୍ପାଦନ କରିବା ଓ ସୁଷମ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସୁସ୍ଥ ଜୀବନ ଯାପନ ପାଇଁ ସୁଷମ ଓ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା ।



- ଜନଜାତି ପକ୍ଷ ଅବସରରେ ଚଳିତ ବର୍ଷ ତା. ୦୧.୧୧.୨୦୨୫ ରୁ ୧୫.୧୧.୨୦୨୫ ପର୍ଯ୍ୟନ୍ତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲାର ବିଭିନ୍ନ ଗ୍ରାମ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜନଜାତି ଚାଷୀଭାଇ ଏବଂ ଭଉଣୀମାନଙ୍କୁ ରବି ଫସଲର ବିଜ୍ଞାନସମ୍ମତ ଚାଷ ପ୍ରଣାଳୀ, ଛତୁ ଚାଷ, ଜିଆଖତ, ବୈଜ୍ଞାନିକ ପ୍ରଣାଳୀରେ ମହୁମାଛି ପାଳନ ବିଷୟରେ ସଚେତନ କରାଯାଇଥିଲା ।



- କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା ତରଫରୁ ତା. ୦୫.୧୨.୨୦୨୫ ରିଖରେ ବିଶ୍ୱ ମୃତ୍ତିକା ଦିବସ ଗୁଣୁପୁର ବ୍ଲକ ଅଧିନସ୍ଥ କୁକୁରଗୁଡା ଗ୍ରାମରେ ପାଳନ କରାଯାଇଥିଲା ଓ ଚାଷୀଭାଇ ମାନଙ୍କୁ ମାଟି ପରୀକ୍ଷା ଆଧାରରେ ସାର ପ୍ରୟୋଗ କରିବା ପାଇ ପରାମର୍ଶ ଦିଆଯାଇଥିଲା । ମାଟିର ଗୁଣବତା ବଜାଇ ରଖିବା ପାଇ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ କିଛି ଚାଷୀଭାଇ ମାନଙ୍କୁ ମୃତ୍ତିକା କାର୍ଡ ବଂଟନ କରାଯାଇଥିଲା ।



- ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଜୀବିକା ମିଶନ ଆଇନ ବିଷୟରେ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା (ଗୁଣୁପୁର) ପ୍ରାଙ୍ଗଣରେ ତା. ୨୩.୧୨.୨୦୨୫ ରିଖରେ ଶତାଧିକ ଚାଷୀଭାଇ ଏବଂ ଭଉଣୀମାନଙ୍କୁ ଆଭାସୀ ମାଧମରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୩ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ଚିନାବାଦାମ ଫସଲର କାଣ୍ଡ ସଡା ରୋଗ ପରିଚାଳନାର କ୍ଷେତ୍ର ପ୍ରଦର୍ଶନ



ଚିନାବାଦାମ ଫସଲ ଆମ ଜିଲ୍ଲାରେ ଏକ ଅନ୍ୟତମ ଅର୍ଥନୈତିକ ତୈଳବୀଜ ଫସଲ । ତେଣୁ ଏହାର ଉତ୍ପାଦନ ବଢେଇବା ଚାଷୀ ମାନଙ୍କ ସାମନାରେ ଏକ କର୍ତ୍ତବ୍ୟ । କିନ୍ତୁ ଦିନକୁ ଦିନ ଚିନାବାଦାମ ରେ ଲାଗୁଥିବା ରୋଗ ମଧ୍ୟରେ କାଣ୍ଡ ସଡା ରୋଗ ଏକ ଗୁରୁତ୍ୟପୂର୍ଣ୍ଣ ରୋଗ, ଯାହା ଦ୍ୱାରା ଚିନାବାଦାମ ଉତ୍ପାଦନ ୨୫-୩୦% କମିଯିବାର ସମ୍ଭାବନା ଥାଏ । ଏହି କାଣ୍ଡ ସଡା ରୋଗର ସଠିକ ପରିଚାଳନା ପାଇଁ ଏବଂ ତାହା ଚାଷୀ ମାନଙ୍କୁ ଅବଗତି ନିମନ୍ତେ ଗୁଣୁପୁର ବ୍ଲକର ଲିମାମଡା, ରାହୁଗୁଡା, ଗୁଡେ, ବନ୍ଧୁଗୁଡା ଓ ପ୍ରଧାନିଗୁଡା ଏବଂ ରାମନାଗୁଡା ବ୍ଲକର ପାଣ୍ଡ୍ରାଝୋଲି ଗ୍ରାମ ରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ କ୍ଷେତ୍ର ପ୍ରଦର୍ଶନର ବ୍ୟବସ୍ଥା କରାଯାଇଥିଲା, ଯେଥିରେ କାର୍ବକ୍ସିନ ୩୭.୫ %+ଥିରାମ ୩୭.୫ % ପ୍ରତି କେଜି ବିହନ ରେ ୨.୫ ଗ୍ରାମ ମିଶେଇ ବିଶୋଧନ ଏବଂ ପ୍ରତି ୧୫ ଦିନ ଅନ୍ତରରେ କ୍ଲୋରୋଥାଲୋନୀଳ ୭୫ % WP ୧.୫ ଗ୍ରାମ ପ୍ରତି ଲିଟର ପାଣିରେ ଏବଂ କାରବେନଡାଜିମ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶେଇ ଅଦଳ ବଦଳ କରିକି ସିଂଚନ କଲେ ୧୪.୬ % ରୁ ୪.୮ % ରୋଗ କମିବା ସହିତ ୨୭.୨% ଅମଳ ବଢିଥିଲା ।

## କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଉନ୍ନତ ମାନର ଧାନ, ମାଣ୍ଡିଆ ଓ ଛଣି ଜାତୀୟ ଫସଲର ବିହନ ଉତ୍ପାଦନ



ଧାନ, ମାଣ୍ଡିଆ ଓ ଛଣି ଫସଲର ଉନ୍ନତ ମାନର ବିହନ ଚାଷୀ ମାନଙ୍କୁ ସୁବିଧାରେ ଯୋଗାଇ ଦେବା ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା (ଗୁଣୁପୁର) ପରିସରରେ ମଧ୍ୟମ ଅବଧି ଓ ଅଧିକ ଅମଳକ୍ଷମ ଧାନ ଏମ.ଟି.ୟୁ.- ୧୧୫୬ ର ପ୍ରଜନନ ବିହନରୁ ପିଣ୍ଡ ବିହନ ୩ ହେକ୍ଟର ଜମିରେ ଉତ୍ପାଦନ କରାଯାଇଅଛି । ମାଣ୍ଡିଆ କିସମ ଅର୍ଜୁନ ଓ ଛଣି କିସମ ଲୋକାଲ ମଧ୍ୟ ବିହନ ଉତ୍ପାଦନ ହୋଇଅଛି ।

## ଫସଲ ପରିବର୍ତ୍ତନ ପାଇଁ ଗ୍ରୀଷ୍ମ ଚକିକିଆ କାର୍ଯ୍ୟକ୍ରମ ମାଧ୍ୟମରେ ତୈଳବୀଜ ଜାତୀୟ କ୍ଷେତ୍ର ପ୍ରଦର୍ଶନ



ରାୟଗଡା ଜିଲ୍ଲାରେ ତୈଳବୀଜ ଫସଲ ମଧ୍ୟରେ ରାଶି ଚାଷ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଅଛି । କିନ୍ତୁ ଆବଶ୍ୟକୀୟ ଜ୍ଞାନକୌଶଳ ଅଭାବ ଯୋଗୁଁ ସ୍ଥାନୀୟ ଚାଷୀମାନେ ଅପେକ୍ଷାକୃତ କମ ଲାଭବାନ ହୋଇଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର , ରାୟଗଡା ତରଫରୁ ଗୁଣୁପୁର, ପଦ୍ମପୁର ଏବଂ ବିଷମକଟକ ବ୍ଲକର ବିଭିନ୍ନ ଗ୍ରାମରେ ରାଶି ଫସଲର ଚକିକିଆ ଆଗୁଆ ଧାଡି ପ୍ରଦର୍ଶନ କରାଯାଇଥିଲା । ଏଥିରେ ଗ୍ରାମର ୨୦୦ ଜଣ ଚାଷୀଙ୍କୁ ରାଶି ବିହନ ଏବଂ ଆବଶ୍ୟକତା ଅନୁସାରେ ରୋଗପୋକ ନିୟନ୍ତ୍ରଣ ପାଇଁ କୀଟନାଶକ ଯୋଗାଇ ଦିଆଯାଇଥିଲା । ସେମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ରାଶି ଫସଲ ବିଷୟରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମରେ କ୍ଷେତ୍ର ଦିବସର ଆୟୋଜନ କରାଯାଇଥିଲା । ଏହି ଜ୍ଞାନକୌଶଳ ଉପାଦେୟତା ବିଷୟରେ ପ୍ରାୟ ୨୦୦ ଜଣ ଚାଷୀଙ୍କୁ ଅବଗତ କରାଯାଇଥିଲା । ଏହି ଚାଷ କରି ସେମାନେ ହେକ୍ଟର ପ୍ରତି ୫.୪ କୁଇଣ୍ଟାଲ ଅମଳ ପାଇଥିଲେ । ଆଗାମୀ ଦିନରେ ଏହି ଅଂଚଳରେ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଅବଲମ୍ବନ କରି ଅଧିକ ଜମିରେ ରାଶି ଚାଷ କରିବା ପାଇଁ ସ୍ଥିର କରିଛନ୍ତି ।

## ଆଦିବାସୀ ଉପଯୋଜନା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଶକଟା ଗ୍ରାମ ର ସାମଗ୍ରିକ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆଦିବାସୀ ଉପଯୋଜନା ମାଧ୍ୟମରେ ଶକଟା ଗ୍ରାମର ସାମଗ୍ରିକ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଧାନ, ମାଣ୍ଡିଆ, ମୁଗ ବିହନ, ବିଭିନ୍ନ ପନିପରିବା ଚାରା ଓ ଗେଣ୍ଡୁ ଚାରା ଯୋଗାଇବା ସହିତ କ୍ଷେତ୍ର ପ୍ରଦର୍ଶନୀ କରା ଯାଇଥିଲା । କୃଷିଜୀବୀ ମହିଳାମାନଙ୍କର ଶ୍ରମ ଲାଘବ ପାଇଁ ଉନ୍ନତ ମାନର ମହିଳାମାନଙ୍କର ବ୍ୟବହାର ଉପଯୋଗୀ ଯନ୍ତ୍ରପାତି ଉପରେ ଏବଂ ଖାକୀ କେମ୍ପବେଲ୍ ପ୍ରଜାତିର ବତକ ପାଳନ ଉପରେ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ପ୍ରାକୃତିକ କୃଷି ଉପରେ ପ୍ରଶିକ୍ଷଣ ଏବଂ ଜୈବିକ ଉତ୍ପାଦକ ପ୍ରସ୍ତୁତି ପ୍ରଣାଳୀ ଉପରେ ମଧ ବିଶେଷ ଅବଗତ କରାଯାଇଥିଲା ।

**ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା**

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା
ମୁଖ୍ୟ ସମ୍ପାଦକ : ଡ. ସୁସ୍ମିତା ମହାନ୍ତି
ସହଯୋଗ: ଶ୍ରୀ ରାଜୀବ ଟୁଡୁ , ଡ. ନାରାମ ରାମୁ, ଡ. ଅନିନ୍ଦିତା ରୟ, ଶ୍ରୀ ପରିମଳ ତରାଇ,
ସୁଶ୍ରୀ ହେମାଦ୍ରି ବାଗ, ଶ୍ରୀମତୀ ସୁମିତ୍ରା ମହାନ୍ତି ଏବଂ ଶ୍ରୀମତୀ ଗୀତାଞ୍ଜଳି ଦାସ

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡା
ଗୁଣୁପୁର : ୭୬୫୦୨୨, ରାୟଗଡା, ଓଡିଶା
ଫୋନ : ୦୬୭୫୭- ୨୫୦୨୫୫
email kvk.rayagada@ouat.ac.in
kvkrayagada.ouat@gmail.com